୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ୟବେक्षक

Vol.27. No.219 Bhubaneswar Thursday October 16, 2025 | ୨୭ତମ ବର୍ଷ ସଂଖ୍ୟା-୨୧୯ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ନୂଆପଡ଼ା ନିର୍ବାଚନ ପ୍ରାର୍ଥୀ ଘୋଷଣା କଲେ ପ୍ରମୁଖ ତିନିଦଳ



ଭୁବନେଶ୍ୱର : ନୂଆପଡ଼ା ଉପନିର୍ବାଚନ ପାଇଁ ରାଜନୈତିକ ତତ୍ପରତା ତୀବ୍ର ଦେଖାଯାଇଛି। ଆସନ୍ତା ନଭେମ୍ବର ୧୧ ତାରିଖ ଦିନ ଏଠାରେ ଭୋଟ୍ ଗ୍ରହଣ କରାଯିବାକୁ ଥିବା ବେଳେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି, ଯାହାକି ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହାରି ମଧ୍ୟରେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ (ବିଜେପି, ବିଜେଡି ଓ କଂଗ୍ରେସ) ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଆଜି ନିଜର ପ୍ରାର୍ଥିପତ୍ର ଦାଖଲ କରିସାରିଥିବା ବେଳେ ବିଜେପିର ପ୍ରାର୍ଥୀ ଜୟ ଢୋଲକିଆ ଆସନ୍ତାକାଲି ପ୍ରାର୍ଥିପତ୍ର ଦାଖଲ କରିବେ। ବିଜୁ ଜନତା ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାର୍ଥିପତ୍ର ଦାଖଲ ତାରିଖ ଯଦିଓ ଘୋଷଣା କରାଯାଇ ନାହିଁ, ବିଜେଡି ଆସନ୍ତାକାଲି ନୂଆପଡ଼ାରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରିବାକୁ ଯାଉଛି। ଏହି ନିର୍ବାଚନରେ ବିଜୟୀ ହେବା ପାଇଁ ତିନି ଦଳ ନିଜନିଜ ହିସାବରେ ଦକ୍ଷ ପ୍ରାର୍ଥୀ ପଡ଼ିଆକୁ ଓହ୍ଲାଇଛନ୍ତି। ତେବେ ନୂଆପଡ଼ାବାସୀ କାହାର ଉପରେ ଭରସା କରିବେ ତାହା ସମୟ କହିବ। ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଗତକାଲି ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଥିଲେ। ବିଜେପି ଆଜି ତାଙ୍କୁ ଉପନିର୍ବାଚନ ପାଇଁ ଟିକେଟ୍ ଦେଇଛି। ଟିକେଟ୍ ହାତେଇବା ପୂର୍ବରୁ ଶ୍ରୀ ଢୋଲକିଆ ମଧ୍ୟ ତାଙ୍କ ଲୋକସମ୍ପର୍କ ଅଭିଯାନକୁ ଜୋରଦାର କରିଛନ୍ତି। ବାପା ରାଜେନ୍ଦ୍ରଙ୍କ ସମୟରେ ହୋଇଥିବା ପ୍ରମୁଖ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ସମର୍ଥନ ହାସଲ ପାଇଁ ଚେଷ୍ଟା କରୁଛନ୍ତି। ସ୍ନେହାଙ୍ଗିନୀ ଛୁରିଆ ଶିକ୍ଷକତାରୁ ରାଜନୀତିକୁ ଆସିଥିଲେ। ୨୦୧୪ରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ହସ୍ତତନ୍ତ, ବୟନଶିଳ୍ପ ବିଭାଗ ପାଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ଆଡଗାଁ ବାଳିକା ବିଦ୍ୟାଳୟରେ ୧୯୯୫ରେ ଶିକ୍ଷକତା ଆରମ୍ଭ କରିଥିଲେ। ୧୯୯୭ରେ ଚାକିରି ଛାଡ଼ି ରାଜନୀତିକୁ ଆସିଲେ। ପ୍ରଥମ ଥର ପଞ୍ଚାୟତ ନିର୍ବାଚନରେ କ୍ୟାରିୟର ଆରମ୍ଭ କଲେ। ତଲମେଣ୍ଢା ପଞ୍ଚାୟତରୁ ସମିତିସଭ୍ୟ ଭାବେ ଜିତିଲେ। ଜିତିବା ପରେ ଭେଡେନ୍ ବ୍ଲକ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲ୍ଲା ଅତାବିରା ନିର୍ବାଚନ ମଣ୍ଡଳୀରୁ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନରେ ୭୦,୫୭୭ ଭୋଟ୍? ପାଇଥିଲେ। ସେ ୨୮,୯୧୦ ଭୋଟ୍‌ରେ ପରାସ୍ତ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ନିହାର ମହାନନ୍ଦଙ୍କ ଠାରୁ ହାରିଥିଲେ। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନଭେମ୍ବର ୧୧ ତାରିଖରେ ଦିନ ନୂଆପଡ଼ା ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏହାକୁ ନେଇ ବିଜେପି, ବିଜେଡି ଓ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଯାଇଛି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୨୦୨୪ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ।

# ଏବେ ମୁଣ୍ଡପିଛା ୫ କେଜି ନୁହେଁ ୧୦ କେଜି ଚାଉଳ

ଭୁବନେଶ୍ୱର : ଆପଣଙ୍କର ଯଦି ରାସନ୍ କାର୍ଡ ଅଛି ଆଉ ଆପଣ ରାସନ୍ କାର୍ଡରେ ଚାଉଳ ପାଉଛନ୍ତି । ତେବେ ଆପଣଙ୍କ ପାଇଁ ଆସିଛି ଖୁସି ଖବର । ଏଣିକି ମୁଣ୍ଡପିଛା ଆଉ ୫ କେଜି ନୁହେଁ ବରଂ ମିଳିବ ୧୦ କେଜି ଚାଉଳ । ଏନେଇ ଯୋଗାଣ ବିଭାଗ ଚିନ୍ତା କରୁଥିବା କହିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏନେଇ ଖୁବଶୀଘ୍ର ଫାଇଲ୍ ପଠାଯିବ ଆଉ ମୁଖ୍ୟମନ୍ତ୍ରୀ ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ୧୦ କେଜି ଚାଉଳ ମିଳିଲେ ରାଜ୍ୟର ପ୍ରତିଟି ରାସନ୍ କାର୍ଡ ଧାରୀ ଏହାର ଲାଭ ପାଇବେ । ରାଜ୍ୟରେ ଏବେ ପ୍ରାୟ ୩ କୋଟିରୁ ଅଧିକ ରାସନ୍ କାର୍ଡ ରହିଛି । ଆଉ ମୁଣ୍ଡପିଛା ୧୦ କେଜି ଚାଉଳ ମିଳିଲେ ଏହାର ଲାଭ ଏହି ୩ କୋଟି କାର୍ଡଧାରୀ ପାଇବେ । ମଙ୍ଗଳବାର ରାସନ୍ କାର୍ଡ ନେଇ ମନ୍ତ୍ରୀ ଆଉ ଗୋଟିଏ ମଧ୍ୟ ବଡ଼ ବୟାନ ରଖିଥିଲେ । ମନ୍ତ୍ରୀ କହିଥିଲେ ଆସନ୍ତା ମାସରୁ ଯେଉଁ ଲୋକମାନଙ୍କର ଇ-କେୱାଇସି ହୋଇନଥିବ, ସେମାନଙ୍କୁ ଆଉ ରାସନ୍ ଚାଉଳ ମିଳିବନି । କେନ୍ଦ୍ର ସରକାର ଇ-କେୱାଇସି ବନ୍ଦ କରିଦେଇଛନ୍ତି, ହେଲେ ରାଜ୍ୟର ଏବେ ବି ପ୍ରାୟ ୧୫ ଲକ୍ଷରୁ ଅଧିକ ଲୋକ ଇ-କେୱାଇସି କରିନାହାଁନ୍ତି । ତେଣୁ ଏବେ ଆଉ ସମୟ ନଥିବା କାରଣରୁ ଆସନ୍ତାମାସରୁ ଏହି ଲୋକମାନଙ୍କୁ ଆଉ ଚାଉଳ ଦିଆଯିବ ନାହିଁ । ରାସନ କାର୍ଡ ଉପରେ ଏବେ ବି ଆମ ରାଜ୍ୟର ଅନେକ ଗରିବ ଲୋକ ଭରସା କରିଥାନ୍ତି । ତେଣୁ ସରକାର ଏବେ ଯଦି ଏହି ମୁଣ୍ଡପିଛା ଚାଉଳକୁ ୫ କେଜିରୁ ୧୦ କେଜିକୁ ବଢ଼ାଇ ଦିଅନ୍ତି । ତେବେ ଏହାର ଲାଭ ସାଧାରଣ ଲୋକମାନେ ପାଇପାରିବେ ।

# ୨୦ ନା ୨୧: କେଉଁଦିନ ଲୋକେ ପାଳିବେ ଦୀପାବଳି ଓ ପୟାଶ୍ରାଦ୍ଧ



ଭୁବନେଶ୍ୱର,୧୫।୧୦(ପି.ଏନ): ୨୦ ନା ୨୧ରେ କେଉଁଦିନ ଲୋକେ ପାଳିବେ ଦୀପାବଳି ଓ ପୟାଶ୍ରାଦ୍ଧ । ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ଓ ଜ୍ୟୋତିର୍ବିଦଙ୍କ ମତକୁ ନେଇ ସୃଷ୍ଟି ଦ୍ୱନ୍ଦ୍ୱ । ଯାହାକୁ ନେଇ ଦେଖାଦେଇଛି ବିବାଦ । ଦୀପାବଳୀ ତିଥିରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ପ୍ରଦାନ କରି ଆଲୋକ ଦେଖାଇଲେ ପିତୃପୁରୁଷ ସ୍ୱର୍ଗଲୋକ ଗମନ କରିଥାନ୍ତି । ସେଥିପାଇଁ ପରିବାର ସ୍ୱଜନ ମାନେ ପୟାଶ୍ରାଦ୍ଧ କରି କାଉଁରିଆ କାଠି ଜାଳିଥାନ୍ତି । ଗତ ବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ପଞ୍ଜିକାରେ ଦୁଇଦିନ ଦୀପାବଳୀ, ଦୀପଦାନ ପୟାଶ୍ରାଦ୍ଧ ରହିଛି । ଶ୍ରୀମନ୍ଦିର ସ୍ୱୀକୃତି ପ୍ରାପ୍ତ ରାଧାରମଣ, କୋହିନୂର, ଅରୁଣୋଦୟ, ଭାଗ୍ୟଜ୍ୟୋତି ଓ ଜି ଏନ୍ ତ୍ରିପାଠୀ ପଞ୍ଜିକାରେ ୨୦ତାରିଖରେ ଶ୍ୟାମାପୂଜା, ଦୀପଦାନ ଓ ପୟାଶ୍ରାଦ୍ଧ ଲେଖାଯାଇଛି । ସେହିଦିନ ଦିନ ଠାରୁ ରାତି ପର୍ଯ୍ୟନ୍ତ ତା ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଅମାବାସ୍ୟା ତିଥି ରହୁଥିବାରୁ ଦୀପଦାନ ଓ ପୟାଶ୍ରାଦ୍ଧ କରିବା ନେଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଶେଷକରି ଦୀପଦାନ ସାୟଂ କାଳୀନ ପର୍ବ। ତେଣୁ ୨୦ତାରିଖରେ ଏହା ଧର୍ମଶାସ୍ତ୍ର ବିଧିସମତ ବୋଲି କହିବା ସହ ସରକାର ୨୧ ତାରିଖର ଛୁଟିକୁ ପରିବର୍ତ୍ତନ କରି ୨୦ତାରିଖ କରିବାକୁ ଦାବି କରିଥିଲେ। ଯେଉଁ ମାନେ ସ୍ୱୀକୃତି ପ୍ରାପ୍ତ ପଞ୍ଜିକାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଓ ଧର୍ମଶାସ୍ତ୍ରଜ୍ଞ ମାନେ ମତ ରଖିଥିବା ନେଇ ଯୁକ୍ତି ବାଢ଼ିଛନ୍ତି। ଅନ୍ୟ ପକ୍ଷରେ ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର ଏହାକୁ ଖଣ୍ଡନ କରିଛନ୍ତି। ୨୦ ତାରିଖରେ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ରହିଥିବା ବେଳେ ରିକ୍ତା ତିଥି ହେତୁ ସେହି ଦିନ ପୟାଶ୍ରାଦ୍ଧ ଓ ଦୀପଦାନ ନକରି ୨୧ରେ କରିବାକୁ ମତ ରଖିଛନ୍ତି। ସେହିପରି ଅନେକ ପାଞ୍ଜୀକାରେ ୨୦ ତାରିଖରେ ଶ୍ୟାମା ପୂଜା ରହିଥିବା ବେଳେ ୨୧ ତାରିଖରେ ଦୀପଦାନ ପୟାଶ୍ରାଦ୍ଧ କରିବେ। ସେପଟେ ଶ୍ରୀମନ୍ଦିର ରେ ନୀତିକୁ ଆଗାମୀ ୨୧ ତାରିଖରେ ଅମାବାସ୍ୟା ତିଥି ରହିଥିବାରୁ ନାରାୟଣ ଠାକୁରଙ୍କର ସାଗର ବିଜେ ନୀତି ୨୧ ତାରିଖ ଦିନ କରାଯିବ। ପଞ୍ଜିକାରେ ସମନ୍ୱୟ ରଖାଯାଇ ଶ୍ରୀମନ୍ଦିର ପକ୍ଷରୁ ବିବାଦକୁ ଏଡାଇବା ନେଇ ପ୍ରଚେଷ୍ଟା କରାଯାଇଥିବା ଜଣାପଡ଼ିଛି । ଦୀପଦାନ ଓ ପୟାଶ୍ରାଦ୍ଧର ହିନ୍ଦୁ ଧାର୍ମିକ ବିଧି ବ୍ୟବସ୍ଥା ମଧ୍ୟରେ ସ୍ୱତନ୍ତ୍ରତା ରହିଥିବା ବେଳେ ଏହାକୁ ପାଳନ ନେଇ ଦ୍ୱନ୍ଦ୍ୱ ରହିବା ଠିକ ନୁହେଁ ବୋଲି ମତ ପ୍ରକାଶ ପାଇଛି ।

# ବ୍ରହ୍ମପୁର ଆଇନଜୀବୀ ହତ୍ୟା ମାମଲା: ପୀତବାସଙ୍କ ଗୁପ୍ତ ଡାଏରୀର ସନ୍ଧାନ କଲା ପୋଲିସ

ଭୁବନେଶ୍ୱର,୧୫।୧୦(ପି.ଏନ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା। ଏବେ ପୀତବାସଙ୍କ ଗୁପ୍ତ ଡାଏରୀର ସନ୍ଧାନ କରିଛି ପୋଲିସ। ପୀତବାସଙ୍କ ଗୁପ୍ତ ଡାଏରୀର ସନ୍ଧାନ ମିଳିଛି। ଡାଏରୀରୁ ବହୁ ତଥ୍ୟ ସହ ଅନେକ ଗୁମର ଫିଟିବ ବୋଲି ଆଲୋଚନା ହେଉଛି। ମିଳିଥିବା ଡାଏରୀରେ କ୍ରସର ବ୍ୟବସାୟୀ, ମଦବେପାରୀ, ବିଲଡରଙ୍କ ସମେତ ସ?ହରର ବହୁ ବ୍ୟବସାୟୀ ଓ ନେତାଙ୍କ ନାମ ଉଲ୍ଲେଖ ଥିବା କୁହାଯାଉଛି । ପୀତବାସ କାହାଠାରୁ ସୁଧରେ ଟଙ୍କା ଆଣିଛନ୍ତି ଅଥବା କାହାକୁ ଟଙ୍କା ଦେଇଛନ୍ତି, ସେଥିରେ ଉଲ୍ଲେଖ ଥିବା କୁହାଯାଉଛି । ବଡ଼କଥା ହେଲା, ପୀତବାସ ହଜାର କିମ୍ବା ଲକ୍ଷରେ ନୁହେଁ, ବରଂ କୋଟି କୋଟି ଟଙ୍କାର ସୁଧ କାରବାର କରୁଥିବା ନେଇ ଆଲୋଚନା ହେଉଥିବା ବେଳେ ସେସବୁ ତଥ୍ୟ ଡାଏରୀରେ ଅଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର । ପୀତବାସଙ୍କ ଜଣେ ଘନିଷ୍ଠ ବନ୍ଧୁ ତାଙ୍କଠାରୁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ନେଇ କୌଣସି କାରଣରୁ ଦୀର୍ଘ ଦିନ ଧରି କୁଆଡ଼? ଫେରାଇ ନଥିଲେ। ଋଣ ଅର୍ଥ ପରିଶୋଧ ପାଇଁ ସମ୍ପୃକ୍ତ ବନ୍ଧୁଜଣଙ୍କ ସହରରେ ଥିବା ନିଜର ଏକ ଘରକୁ ପୀତବାସଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଘର ବିକ୍ରି ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଆହୁରି ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପୀତବାସଙ୍କୁ ଫେରାଇବାକୁ ଅଛି ବୋଲି ଶୁଣିବାକୁ ମିଳିଛି। ସେହିପରି, ପୀତବାସ ଅନେକ ବ୍ୟବସାୟୀଙ୍କଠାରୁ ଟଙ୍କା ଉଠାଇଥିବା କୁହାଯାଉଛି । ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିଭଳି ଆଦାୟ ହେବ, ତାହା ଏବେ ବଡ଼ ପ୍ରଶ୍ନବାଚୀ କାରଣ ସେଥିରେ ପୀତବାସଙ୍କର ନିଜର ଓ ଅନ୍ୟମାନଙ୍କର ମଧ୍ୟ ଟଙ୍କା ଥିବା ଚର୍ଚ୍ଚା ହେଉଛି। ୧୦ ଦିନ ପରେ ବି ହତ୍ୟାର ହୋଇପାରିନି ଖୁଲାସା। ଦୁଇ ସୁପାରୀ କିଲର ପୂର୍ବରୁ ବି କିଛି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ସୁରାକ୍ ଯୋଗାଡ଼ କରିବା ଆଶାରେ ବ୍ରହ୍ମପୁର ପୋଲିସ ଏବେ ଜେଲ୍?ମୁହାଁ ହୋଇଛି। ବ୍ରହ୍ମପୁର ସମେତ କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ଜେଲ୍?ରେ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି । ସଂପୃକ୍ତ ଆତତାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଠିକଣା ଜାଣିବାକୁ ପୋଲିସ ବିଭିନ୍ନ ଜେଲରେ ଡେରା ପକାଇଥିବା ସୂଚନା ମିଳିଛି ।

# ବିହାର ବିଧାନସଭା ନିର୍ବାଚନ: ବିଜେପି ଜାରି କଲା ଦ୍ୱିତୀୟ ଲିଷ୍ଟ, ମୈଥିଳୀ ଠାକୁରଙ୍କୁ ମିଳିଲା ଟିକେଟ



ଭୁବନେଶ୍ୱର,୧୫।୧୦(ପି.ଏନ): ବିହାର ବିଧାନସଭା ନିର୍ବାଚନ ପାଇଁ ବିଜେପି ତା'ର ଦ୍ୱିତୀୟ ଲିଷ୍ଟ ଜାରି କରିଛି । ସବୁଠାରୁ ବଡ଼ କଥା ହେଉଛି ଏଥିରେ ଭୋଜପୁରୀ ଗାୟିକା ମୈଥିଳୀ ଠାକୁରଙ୍କୁ ଟିକେଟ ମିଳିଛି । ମୈଥିଳୀ ଅଲୀନଗର ଆସନରୁ ନିର୍ବାଚନ ଲଢ଼ିବେ । ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୧୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଗତକାଲି ଏନଡିଏ ମେଣ୍ଟ ପକ୍ଷରୁ ବିଜେପି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା । ପ୍ରଥମ ପର୍ଯ୍ୟାୟରେ ବିଜେପି ୭୧ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା । ପ୍ରଥମ ସୂଚୀରେ ଦଳ ଅଧିକାଂଶ ବିଧାୟକ ଓ ମନ୍ତ୍ରୀଙ୍କ ଉପରେ ଭରସା କରିଥିଲା । କୁହ୍ମରାରରୁ ଅରୁଣ ସିହ୍ନା ଓ ପାଟନା ସାହିବରୁ ନନ୍ଦକିଶୋର ଯାଦବଙ୍କ ଟିକେଟ କଟିଥିଲା । ପ୍ରଥମ ପର୍ଯ୍ୟାୟରେ ବିଜେପି ୯ ବିଧାୟକଙ୍କୁ ଟିକେଟ୍ ଦେଇନଥିଲା । ପ୍ରଥମ ତାଲିକାରେ ଦଳ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୈଧୁରୀଙ୍କୁ ତାରାପୁର, ମଙ୍ଗଳ ପାଣ୍ଡେଙ୍କୁ ସିବାନ, ସଞ୍ଜୀବ ଚୈରସିଆଙ୍କୁ ଦୀଘା ଓ ରଜନିଶ କୁମାରଙ୍କୁ ତୋଘଡାରୁ ପ୍ରାର୍ଥୀ କରିବାକୁ ଘୋଷଣା କରିଥିଲା । ଉକ୍ତ ୭୧ ଜଣ ପ୍ରାର୍ଥୀଙ୍କ ତାଲିକାରେ ୯ ଜଣ ମହିଳା ଓ ୫ ଜଣ ଅନୁସୂଚିତ ଜାତି ଓ ଜଣେ ଅନୁସୂଚିତ ଜନଜାତି ନେତାଙ୍କ ନାଁ ଘୋଷଣା କରାଯାଇଥିଲା ।

## ପଞ୍ଚାୟତରେ ମହାଦୁର୍ନୀତି: ଭୂତ ବିଲ୍ କରି କରାଯାଇଛି ଟଙ୍କା ହଡ଼ପ, ଆରଟିଆଇ ତଥ୍ୟରୁ ଖୁଲାସା

ଭୁବନେଶ୍ୱର,୧୫।୧୦(ପି.ଏନ): ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଯୁରାବନ୍ଧ ପଞ୍ଚାୟତରେ ମହାଦୁର୍ନୀତି । ଭୂତ ବିଲ କରି କରାଯାଇଛି ଟଙ୍କା ହଡ଼ପ । RTI ତଥ୍ୟରୁ ଖୁଲାସା । ଯୁରାବନ୍ଧ ପରି ଉପାନ୍ତ ଅଞ୍ଚଳରେ ଦୁର୍ନୀତିର ଗନ୍ଧ ପାଇ କିଛି ଯୁବକ RTIକୁ ତଥ୍ୟ ମାଗିଥିଲେ । ତଥ୍ୟ ମୁତାବକ ଯୁରାବନ୍ଧ ପଞ୍ଚାୟତର କେଉମାଲ ଗାଁରେ ଖଲିଆମୁଡା ନାଁରେ କୌଣସି ବନ୍ଧ ନଥିଲେ ମଧ୍ୟ ସେହି ନାଁରେ ଲକ୍ଷଲକ୍ଷ ଟଙ୍କା ଉଠାଣ ହୋଇଛି । ସେଭଳି ଚର୍ଚ୍ଚ ଘରକୁ କମ୍ୟୁନିଟି ସେଣ୍ଟର ଓ ଅନେକ ଉନ୍ନୟନ କାମ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡପ ହୋଇଛି । ସେ ସମସ୍ତ ଟଙ୍କା ସରପଞ୍ଚଙ୍କ ବାପାଙ୍କ ଆକାଉଣ୍ଟକୁ ଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସରପଞ୍ଚଙ୍କ ବାପାଙ୍କ ଭେଣ୍ଡର ଆଇଡି ନଥିବା ବେଳେ କେମିତି ତାଙ୍କୁ ଏତେ ଟଙ୍କା ଦିଆଯାଇଛି ତାକୁ ନେଇ ଉଠିଛି ପ୍ରଶ୍ନ ।

# ଗଛରେ ବସିଛନ୍ତି ହଜାର ହଜାର ପକ୍ଷୀ: କିଚିରିମିଚିରି ଶବ୍ଦରେ ଫାଟି ପଡୁଛି ଗାଁ ଦାଣ୍ଡ



ଭୁବନେଶ୍ୱର,୧୫।୧୦(ପି.ଏନ): ଗଛରେ ବସିଛନ୍ତି ହଜାର ହଜାର ପକ୍ଷୀ । କିଚିରିମିଚିରି ଶବ୍ଦରେ ଫାଟି ପଡୁଛି ଗାଁ ଦାଣ୍ଡ । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ କାମଠଣା ପଞ୍ଚାୟତ ବୋରଭଟା ଗାଁରେ ବିଦେଶୀ ପକ୍ଷୀଙ୍କ ସମ୍ଭାର । ଗାଁର ଶେଷ ମୁଣ୍ଡରେ ଥିବା ଗ୍ରାମଦେବୀ ମାଆ ମାଉଲିଙ୍କ ପୀଠରେ ଥିବା ଗଛରେ ବସା ବାନ୍ଧିଛନ୍ତି ହଜାର ହଜାର ପକ୍ଷୀ । ଦୂରଦୂରାନ୍ତରୁ ପକ୍ଷୀମାନେ ଏଠାକୁ ବର୍ଷା ଋତୁ ଆରମ୍ଭରୁ ଛୁଟିଆସିଥିବା ବେଳେ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି ଗ୍ରାମବାସୀ । ବୋରଭଟା ଗାଁକୁ ପ୍ରତିବର୍ଷ ଶ୍ରାବଣ ମାସରୁ ବିଦେଶୀ ପକ୍ଷୀ ଆସିଥାନ୍ତି । ଗାଁ ଶେଷ ମୁଣ୍ଡରେ ଥିବା ପୁରୁଣା ଗଛରେ ବସା ବାନ୍ଧି ଅଣ୍ଡା ଦିଅନ୍ତି । ଆଖପାଖ ଜମି ଓ ପାଖରୀରୁ ଖାଦ୍ୟ ସଂଗ୍ରହ କରି ଖାଇଥାନ୍ତି । ପକ୍ଷୀଙ୍କୁ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା କରିଥାନ୍ତି ଗ୍ରାମବାସୀ । ଫେବୃୟାରୀ ମାସ ପରେ ପକ୍ଷୀ ମାନେ ଦ୍ୱିତୀୟ ଘର ଛାଡି ନିଜ ଅଞ୍ଚଳକୁ ଫେରି ଯାଆନ୍ତି । ବନବିଭାଗ ପକ୍ଷରୁ ବିଦେଶୀ ପକ୍ଷୀଙ୍କ ପାଇଁ ରହିବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

# କାଳୀପୂଜା ଓ ଦୀପାବଳି ପାଇଁ ଏବେଠୁ ଉତ୍ସବମୁଖର କଟକ, ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି





ଭୁବନେଶ୍ୱର,୧୫।୧୦(ପି.ଏନ): କାଳୀପୂଜା ଓ ଦୀପାବଳି ପାଇଁ ଏବେଠୁ ଉତ୍ସବମୁଖର କଟକ । ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି । ଶତାଧିକ ମଣ୍ଡପରେ ଏବେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତିରେ ଖଡିଚିତ୍ରା କାମ ଚାଲିଛି । କାରିଗରମାନେ ଖଡିଚିତ୍ରା କାମ ସାରିବା ପରେ ଦୁଇ ଦିନ ପରେ ମାଆଙ୍କ ରଙ୍ଗକାମ ଆରମ୍ଭ ହେବ। ଏହା ପରେ ଶନିବାର ସୁଦ୍ଧା ମାଆଙ୍କ ସାଜସଜା କାମ ଶେଷ ହେବ । ତେବେ ମଣ୍ଡପ ତିଆରିରେ ଲାଗି ପଡିଛନ୍ତି କାରିଗର । ଏଥର ବି ଉଚ୍ଚ ତୋରଣରେ ପୂଜା ପାଇବେ ମାଆ । ସେପଟେ କାଳିପୂଜା ଓ ଦୀପାବଳି ବାଣ ଫୁଟା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି କହିଛନ୍ତି ଡିସିପି । ସହରରେ ବିଭିନ୍ନ ଖୋଲା ସ୍ଥାନରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯିବ। ଏହା ପରେ ଲୋକମାନେ ସୁରକ୍ଷିତ ଭାବେ ଧାର୍ଯ୍ୟ ସମୟରେ ଦୀପାବଳି ରାତିରେ ବାଣ ଫୁଟାଇବେ । ଏ ନେଇ ଡିସିପି କହିଛନ୍ତି ଯେ ବାଣଫୁଟାରେ ଅଭିଭାବକ ମାନେ ନିଜ ପିଲାମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ବାଣ ଫୁଟାନ୍ତୁ।

# ସମ୍ବଲପୁରବାସୀଙ୍କ ପାଇଁ କାଳ ସାଜିଛି ଫ୍ଲାଏଓଭର ନିର୍ମାଣ





ଭୁବନେଶ୍ୱର,୧୫।୧୦(ପି.ଏନ): ସମ୍ବଲପୁରବାସୀଙ୍କ ପାଇଁ କାଳ ସାଜିଛି ଫ୍ଲାଏଓଭର ନିର୍ମାଣ । ପାଦେ ପାଦେ କେ ବିପଦ । ସଡକ ଦୁର୍ଘଟଣା କମାଇବା ପାଇଁ ଏନଏଚ୍ଆଇର ପଦକ୍ଷେପ ପାଲଟିଛି ବୁମେରାଂ । କମିବ କଣ ବଢୁଛି ଦୁର୍ଘଟଣା । ସମ୍ବଲପୁର ସହରର ବିଶେଷ କରି ରେମେଡ୍ ଛକରୁ ଅଇଁଠାପାଲି ପର୍ଯ୍ୟନ୍ତ ନିର୍ମାଣ ଚାଲିଛି ଫ୍ଲାଇଓଭର । ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି । ଏନେଇ ଚିନ୍ତା ପ୍ରକଟ କରିଛନ୍ତି ସମ୍ବଲପୁର ସହରବାସୀ । କାରଣ ଯେତେବେଳେ ରାସ୍ତା ନିର୍ମାଣ କରାଯାଏ ସେହି ସମୟରେ ଏକ ବ୍ୟବସ୍ଥିତ ସର୍ଭିସ ରୋଡର ଆବଶ୍ୟକତା ଥାଏ । କିନ୍ତୁ ଏଠାରେ ତାହା ଦେଖିବାକୁ ମିଳୁନାହିଁ । କାହିଁକି ଜାତୀୟ ରାଜପଥ ପ୍ରାଧିକରଣ ଏଭଳି ଖାମ ଖିଆଲି କାମ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି । ଏହି ରାସ୍ତାରେ ବିଶେଷ କରି ଚାରି ଜିଲ୍ଲାର ଯାତ୍ରୀ ଯିବା ଆସିବା କରିଥାନ୍ତି । ଗୋଟିଏ ପଟେ ଝାରସୁଗୁଡ଼ା ରୋଡ ଆସି ମିଶୁଥିବା ବେଳେ ଅନ୍ୟପଟେ ବରଗଡ ରୋଡ ଆସି ମିଶିଛି । ସେହିପରି ସୁବର୍ଣ୍ଣପୁର ଓ ଦେବଗଡ଼ ଜିଲ୍ଲାର ମଧ୍ୟ ଏହା ହେଉଛି ମୁଖ୍ୟ ରାସ୍ତା । ତେଣୁ ସବୁବେଳେ ଏହି ରାସ୍ତା ଭିଡ ରହୁଥିବାରୁ ଖୁବ୍ ଶୀଘ୍ର ଏକ ବ୍ୟବସ୍ଥିତ ସର୍ଭିସ ରୋଡ ନିର୍ମାଣ କରିବାକୁ ଦାବି କରିଛନ୍ତି ଲୋକେ । ଏଭଳି ଅବ୍ୟବସ୍ଥାକୁ ନେଇ ଜିଲ୍ଲା ପ୍ରଶାସନ ମଧ୍ୟ କାହିଁକି ଚୁପ୍ ବୋଲି ପ୍ରଶ୍ନ ଉଠିଛି ।

# ଦୁଃଖ ଆଣିଛି ଋଷିକୂଲ୍ୟା ବନ୍ୟା: ଉଜାଡିଦେଲା ସୁନାର ଫସଲ, ଚିନ୍ତାରେ ଚଷା ପୁଅ

ଭୁବନେଶ୍ୱର,୧୫।୧୦(ପି.ଏନ): ଦୁଃଖ ଆଣିଛି ଋଷିକୂଲ୍ୟା ବନ୍ୟା । ଉଜାଡିଦେଲା ସୁନାର ଫସଲ । ଚିନ୍ତାରେ ଚଷା ପୁଅ । ଗତ ଲଗାଣ ବର୍ଷାରେ ଋଷିକୂଲ୍ୟା ନଦୀରେ ବନ୍ୟା ଆସିବାରୁ ଗଞ୍ଜାମର ନଦୀ ତଟବର୍ତ୍ତୀ ଗାଁ ଗୁଡିକରେ ବ୍ୟାପକ ଫସଲ ନଷ୍ଟ ହୋଇଛି । କେଉଁଠି ଜମିରେ ବାଲି ଚରିଯାଇଛି ତ ଆଉ କେଉଁଠି ଭୂଇଁରେ ଲୋଟିଛି ଧାନ ଗଛ । ଅନେକ ଜମିରେ ଏବେବି ପାଣି ଜମି ରହିଥିବା ବେଳେ ଉଜୁଡା ଚାଷକୁ ମାଟିରୁ ସାଉଁଟୁଛନ୍ତି ଚାଷୀ । ଧରାକୋଟ ବ୍ଲକ କୁଶପଡା ଗାଁରେ ବନ୍ୟା ପାଣି ମାଡିଯିବାରୁ ଶହ ଶହ ହେକ୍ଟର ଜମିରେ ଧାନ ଫସଲ ସହ ପନିପରିବା ଚାଷ ନଷ୍ଟ ହୋଇଯାଇଛି । ଧାର କରଜ କରି ଚାଷ କରିଥିବା ଚାଷୀ କିପରି ଋଣ ସୁଝିବେ ? କିପରି ପରିବାର ଚଳାଇବା ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଋଷିକୂଲ୍ୟା ନଦୀ ଓ ବଡ଼ ନଦୀ କୂଳରେ ଥିବା ବହୁ ଗାଁ ଲୋକଙ୍କ ଫସଲ ନଷ୍ଟ ହୋଇଛି । ବିଶେଷ କରି ସିଙ୍ଗିପୁର, ବ୍ରାହ୍ମଣ ଦେଇ, ନୂଆଗଡ଼, ଯାହାଡା ଆଦି ଗାଁରେ ବହୁ ଫସଲ ନଷ୍ଟ ହୋଇଛି। ଗ୍ରାଉଣ୍ଡକୁ ଜିଲ୍ଲାପାଳ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ତହସିଲଦାର, କୃଷି ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ଓ ଅନ୍ୟ କର୍ମଚାରୀଙ୍କୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଥାପି କ୍ଷତିଗ୍ରସ୍ତ ଚାଷୀ ଏବେବି ଆଶଙ୍କା ଭିତରେ ଅଛନ୍ତି । ଉଜୁଡିଯାଇଥିବା ଫସଲର ଉପଯୁକ୍ତ ଭରଣା ମିଳିବ ତ ? ନା ପ୍ରଶାସନର ପ୍ରତିଶୃତି ପାଣିର ଗାର ପାଲଟିବ ? କ୍ଷୟକ୍ଷତିର ସମ୍ମୁଖୀନ ହେଉଥିବା ଚାଷୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୀଘ୍ର ସହାୟତା ଯୋଗାଇ ଦେବା ଜରୁରୀ ହୋଇପଡିଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



# ଚୋରାମଦ ସହ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ, ୫ଗିରଫ



କେନ୍ଦ୍ରାପଡ଼ା,(ପି.ଏନ):ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ ଓ ଆଳି ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପଟ୍ଟାମୁଣ୍ଡାଇ ପୌରସଂସ୍ଥା ଅନ୍ତର୍ଗତ ୱାର୍ଡ ନମ୍ବର ୧୧ ଅ ଲରୁ ସେକ ମୁଜାଫର ଅଲି(୨୫)ଙ୍କ ଠାରୁ ୫୫ ଗ୍ରାମ ବ୍ରାଉନସୁଗାର ଓ ସେକ ଗରିବୁଲ୍ଲା(୩୪)ଙ୍କ ଠାରୁ ୬୦ ଗ୍ରାମ ବ୍ରାଉନ ସୁଗାର, ନାଳପାଇ ଗ୍ରାମର ପ୍ରଫୁଲ୍ଲ ନାୟକ(୩୫)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ଏକମାଣିଆ ଗ୍ରାମର ମାନସ ରଞ୍ଜନ ଦାସ(୨୮)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଓ କା ନସାହୁ(୨୪)ଙ୍କ ଠାରୁ ୧୭ ଲିଟରେ ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୫୭ ଲିଟର ବିଦେଶୀ ମଦ ସହ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇ ଜଣେ ମହିଳାଙ୍କ ସମେତ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟକାନ୍ତ ନାୟକ, ନରେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଫୁଲନଖରା:କଟକ ଜିଲ୍ଲା ବାରଙ୍ଗ ବ୍ଲକ ଶହୀଦ ସ୍ମୃତି ନୋଡାଲ ଉପ୍ରା ବିଦ୍ୟାପୀଠ ବିଶିପଦା ଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମଂଗଳବାର ଅନୁଷ୍ଠିତ ହୋଇଯାଇଛି।ବିଶିପଦା ସାଧନକେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ପ୍ରଦୀପ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରକରା ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀଯୁକ୍ତ ଅଶୋକ କୁମାର ପାତ୍ର, ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ୩୩ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ପ୍ରଦୀପ କୁମାର ଭୋଇ,ମୋ ସ୍କୁଲ ଆଲୁମିନି ସଭାପତି ଶ୍ରୀଯୁକ୍ତ ନରୋତ୍ତମ ପାତ୍ର,ଶହୀଦ ସ୍ମୃତି ନୋଡାଲ ଉପ୍ରା ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶିଶିର କୁମାର ପ୍ରଧାନ,ସହକାରୀ ଶିକ୍ଷକ,ବାଲନାୟକ ହାଇବ୍ରୁ,କୈଳାଶ ବେଉରା,ପ୍ରିୟଙ୍କା ରାଉତରାୟ,ସନ୍ଦୀପା ନାୟକ,ସ୍ୱାଗତିକା ପ୍ରଧାନ,ସ୍ୱର୍ଣ୍ଣଲତା ବରାଳ,ବସନ୍ତ କୁମାର ବେହେରା, ସସ୍ମିତା ଦାଶ,ସୁଜାତା ଭୋଇ,ଲକ୍ଷ୍ମୀପ୍ରିୟା ମଲ୍ଲିକ ଏବଂ ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମୁଦାୟ ୬ ଗୋଟି ବିଦ୍ୟାଳୟରୁ ୧୬୦ ପ୍ରତିଯୋଗୀ ଅଂଶଗ୍ରହଣ କରି ନୃତ୍ୟ,ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ଭାଷଣ,ସାଧାରଣ ଜ୍ଞାନ,ସୃଜନଶୀଳ ଲିଖନ ହସ୍ତାକ୍ଷର ଓ ବିଭିନ୍ନ କାର୍ଯ୍ୟ କୌଶଳ ପ୍ରଦର୍ଶନ କରି ୨୦ ଜଣ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ,ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହ ପ୍ରଂଶସା ପତ୍ର ପ୍ରଦାନ କରାଯାଇଥିଲା।ଶେଷରେ ସହକାରୀ ଶିକ୍ଷକ ଜୟଶଙ୍କର ପ୍ରଧାନ ସଭାକାର୍ଯ୍ୟ ଶେଷ କରିଥିଲେ।

# ମା ବ୍ରାହ୍ମଣିଦେଇ ମନ୍ଦିରରେ ମନୁଷ୍ୟ ଗୋଡ଼ର ବିରାଟ ହାଡ଼, ଗଜପତିରେ ଗୁଣିଗାରେଡି ଓ ତନ୍ତ୍ର ସାଧନ ଚାଲୁ ରହିଥିବା ନେଇ ଲୋକେ ଭୟଭୀତ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କର୍ଞ୍ଚବାଡି ଗାଁରେ ଥିବା ବହୁ ପୁରାତନ ମା ବ୍ରାହ୍ମଣିଦେଇ ମନ୍ଦିରରେ ମନୁଷ୍ୟ ଗୋଡ଼ର ଏକ ବିରାଟ ହାଡ଼ ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି।ଏଭଳି ଘଟଣା ଏଥି ପୂର୍ବରୁ ଏହି ମନ୍ଦିରରେ କେବେ ଦେଖିବାକୁ ମିଳିନାହିଁ. ବର୍ତ୍ତମାନ ଏହି ହାଡ଼ ମନ୍ଦିରରେ ଦେଖା ଯିବା ନେଇ ଗୁଣି ଗାରେଡି ଓ ତନ୍ତ୍ର ସାଧନ ଭଳି ବିଭିନ୍ନ କୁକାର୍ଯ୍ୟ ଚାଲୁ ରହିଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ମଙ୍ଗଳବାର ସକାଳ ସମୟରେ ମନ୍ଦିରର ପୂଜାରୀ ନରେନ୍ଦ୍ର ପାଇକ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ମନ୍ଦିର ପରିସର କୁ ସଫା କରିବା ସମୟରେ ମନ୍ଦିର ପରିସର ରେ ଥିବା ସିଂହ ପାଖରେ ଏକ ବିରାଟକାୟ ହାଡ଼ ଥିବା ଦେଖିବାକୁ ପାଇଥିଲେ। ପରେ ପୂଜାରୀ ଜଣକ ଗାଁ ଲୋକଙ୍କୁ ଜଣାଇବା ପରେ ଗାଁ ଲୋକେ ମନ୍ଦିର ପରିସର ରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହାଡ଼କୁ ଜବତ କରିଥିବା ବେଳେ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ରହିଛି।ଅନ୍ୟପଟେ ମୋହନା ଅଞ୍ଚଳ ରେ ଗୁଣି ଗାରେଡ଼ିକୁ ନେଇ ସନ୍ଦେହ କରି ବର୍ତ୍ତମାନ କୋକୁଆ ଭୟ ରହିଥିବା ବେଳେ ଏବେ ଏହି ହାଡ଼ ମଣିଷର ଗୋଡ଼ର ଆକୃତି ଥିବାରୁ କିଛି ବ୍ୟକ୍ତି ମଣିଷର ଗୋଡ ବୋଲି କହୁଥିବାରୁ ଗ୍ରାମବାସୀ ଭୟଭିତ ହୋଇ ରହିଛନ୍ତି।

# ଚକ୍ରୋଡା ପଂଚାୟତରେ ଆଲୋକୀକରଣ ପ୍ରକଳ୍ପ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି



କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପ ।ୟତର ପଥ ଆଲୋକୀକରଣ ପ୍ରକଳ୍ପ ଦୁର୍ନୀତିର ଭିନଜିଲାନ୍ସ ତଦନ୍ତ ଦାବି କରିଛନ୍ତି ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକ। ଡ. ମଲ୍ଲିକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ପଥ ଆଲୋକୀକରଣ ନିମନ୍ତେ ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରାୟ ଏକ କୋଟି ଟଙ୍କା ସାଂସଦଙ୍କ ଆ ଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରିଥିଲେ। ସେଥିମଧ୍ୟରୁ କେବଳ ଚକ୍ରୋଡା ଗ୍ରାମପ ।ୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ପ୍ରକଳ୍ପଟି କେନ୍ଦ୍ରାପଡା ବ୍ଲକ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ ଗ୍ରାମ୍ୟ ବିଦ୍ୟୁତକରଣ କର୍ତ୍ତୃପକ୍ଷଙ୍କ ଜରିଆରେ କାର୍ଯ୍ୟକାରୀ କରାନଯାଇ ବ୍ଲକ ଅଧିକାରୀଙ୍କ ଦ୍ୱାରା କରାଯାଇଥିବାରୁ ଏହାର ବୈଷୟିକ ତଦାରଖ ଓ ମୂଲ୍ୟାୟନ ଏବଂ ବ୍ୟବହୃତ ବିଦ୍ୟୁତ ସାମଗ୍ରୀର ମାନ ଓ ସ୍ଥାୟୀତ୍ୱ ଉପରେ ସନ୍ଦେହ ସୃଷ୍ଟି କରିଛି। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଯିବାକୁ ପ୍ରାକ୍ତନ ବିଧାୟିକା ଡ. ମଲ୍ଲିକ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# କୃଷି ବିଭାଗ ପକ୍ଷରୁ ଆଗୁଆ ସଚେତନତା ଓ କ୍ଷେତ୍ର ପରିଦର୍ଶନ



ଧାମନଗର,(ପି.ଏନ): ଧାମନଗର ବ୍ଲକ କୃଷି ଅଧିକାରୀଣୀ ଅନୁରାଧା ପଣ୍ଡା'ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ଏବଂ ଗ୍ରାମ୍ୟ କୃଷି କର୍ମଚାରୀ ଭୀମସେନ ସାମଲ ଓ ଅନ୍ୟ ଯୋଗୀଙ୍କ ସହ ବୟାଳଡିହ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତର ସମ୍ଭାବ୍ୟ ପ୍ରଭାବିତ ଚାଷ ଜମି ପରିଦର୍ଶନ ଅନୁଧ୍ୟାନ କରିଛନ୍ତି। ଦୀର୍ଘ ତିନି ମାସ ଧରି ଲଘୁଚାପ ବର୍ଷା ଓ କାଉଁଳିଆ ପାଗ ପାଇଁ ଚାଷ ଜମିରେ ମାଟିଆଗୁଣ୍ଡି ପୋକ ସମେତ ଚକଡା, ପତ୍ରମୋଡା ଓ ପତ୍ରପୋଡା ଭଳି ରୋଗର ପ୍ରଭାବରେ ଧାମନଗର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷ ଜମି ପ୍ରଭାବିତ ହୋଇପାରେ। ଅନେକ ସମୟରେ ପ୍ରଭାବିତ କିଛି ଚାଷୀ ଧାନ ଗଛ ଉପାଡି ଆଣି ଦୋକାନୀକୁ ଦେଖାଇ ପଚାରିଥାନ୍ତି ମୋ ଚାଷରେ ଏଭଳଇ ସମସ୍ୟା ହେଇଛି କେଉଁ ଔଷଧ ସିଞ୍ଚନ କରିବି ? ଦୋକାନୀ ନିଜ ଲାଭ ଥିବା କୀଟନାଶକ ଦେଇଥାନ୍ତି। ଯାହାରି ଫଳରେ ଥରେ ନୁହେଁ ବାରମ୍ବାର ଚାଷୀ କୀଟନାଶକ ସିଞ୍ଚନ କରାଉଥିଲେ ମଧ ତାର ସମସ୍ୟା ସମାଧାନ ହେଇନଥାଏ। ଅଯଥା ଖର୍ଚ୍ଚାନ୍ତ ହୋଇ ଚାଷୀ ଅସହାୟ ହେଇ ପଡୁଛନ୍ତି। ଅନ୍ୟପଟେ କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ଥିବା ସରକାର ଘୋଷଣା କରୁଥିଲେ ମଧ ସମ୍ପୃକ୍ତ ବିଭାଗ ସହିତ ଯୋଗାଯୋଗ ଅଭାବରୁ ଚାଷୀ କୌଣସି ଯୋଜନାରୁ ସୁବିଧା ପାଇପାରି ନଥାଏ। ପାଗ ଅନୁକୂଳ ଥିବାରୁ ଧାନ ଫସଲରେ ଦେଖା ଦେଉଥିବା ବିଭିନ୍ନ ରୋଗ ପୋକ ଚିହ୍ନଟ କରି କେଉଁ କୀଟ ନାଶକ ସିଞ୍ଚନ କରାଯିବା ଆବଶ୍ୟକ ସେନେଇ କିଛି ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ବାରଙ୍ଗ ବ୍ଲକରେ ବିଶ୍ୱ ହାତଧୁଆ ଦିବସ ପାଳନ



ଫୁଲନଖରା,(ପି.ଏନ):ବାରଙ୍ଗ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତ ରେ ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଇଅଛି। ଏହି କ୍ରମରେ ବେଲଗଛିଆ ୟୁଜିଏମଇ ସ୍କୁଲ, ଦାଢ଼ାପାଟଣା ବଙ୍ଗାଳିସାହି ପ୍ରାଥମିକ ସ୍କୁଲ,ମଧୁବନ ୟୁପି ସ୍କୁଲ ଓ ମୁଣ୍ଡ ମୁହାଣ ସେବାଶ୍ରମ ଠାରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଅଛି, କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନଙ୍କୁ ହାତଧୁଆ ଦିବସ ର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା ଓ କିଭଳି ହାତକୁ ଆମେ ସାବୁନ ଦ୍ୱାରା ସଫା କରିବା ଏହା ଛାତ୍ରଛାତ୍ରୀ ମାନଙ୍କୁ ପଦର୍ଶିତ କରି ବୁଝା ଯାଇଥିଲା,ଆମ୍ଭ ହାତ ଧୁଆ ବିର ହେବା ସ୍ଲୋଗାନ ମାଧ୍ୟମରେ ପିଲା ମାନଙ୍କୁ ସଚେତନତା କରାଯାଇଥିଲା, କାର୍ଯ୍ୟକ୍ରମ ରେ ସରପଞ୍ଚ ମାନିନୀ ସାହୁ, ଦିଲ୍ଲିପ କୁମାର ବେହେରା, ରିତାଞ୍ଜଳୀ ସାମଲ, ସମିତି ସଭ୍ୟ କିଷନ କୁମାର ଜେନା, ନାଏବ ସରପଞ୍ଚ ତପନ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ବୁଦ୍ଧଦେବ ଜେନା, ପ୍ରଧାନ ଶିକ୍ଷକ,ଶିକ୍ଷୟତ୍ରୀ, ପଞ୍ଚାୟତ ପ୍ରତିନିଧି ଯୋଗଦାନ କରିଥିଲେ, କାର୍ଯ୍ୟକ୍ରମ କୁ ସ୍ୱଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ.

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray